# ପିମ୍ପୁଡ଼ିମାନେ ଛୋଟ, କିନ୍ତୁ କଥା କେବଳ ସେତିକି ନୁହେଁ!

ଗୀତା ଧର୍ମରାଜନ୍
ଚିତ୍ର: ଅତନୁ ରାୟ



କଥାର ଗୋଟିଏ 300ମି ଚିନ୍ତା କରିବା ପାଇଁ ଖୋରାକ ଯୋଗାଉଥିବା ବହି






ପିମ୍ପୁଡ଼ିମାନେ କେବଳ ବ୍ୟସ୍ତ ଦେଖାଯା'ନ୍ତି ତା' ନୁହେଁ, ସେମାନେ କେଉଁଆଡେ ଯାଉଛନ୍ତି ଠିକ୍ ଭାବେ ଜାଣନ୍ତି! ପ୍ରତ୍ୟେକ ପିମ୍ପୁଡ଼ି ପ୍ରାୟ 50,000 ପିମ୍ପୁଡ଼ିମାନଙ୍କର ଏକ ବୃହତ୍ ସମ୍ପ୍ରଦାୟର ଅଂଶ । ରାଣୀ ପିମ୍ପୁଡ଼ି ଏହାର ମୁଖ୍ୟ ଏବଂ ସମୁଦାୟରେ ରାଣୀ ପିମ୍ପୁଡ଼ିର ସ୍ୱତନ୍ତ୍ର ସ୍ଥାନ ଏବଂ କାର୍ଯ୍ୟ ରହିଛି ।



ପିମ୍ପୁଡ଼ି ବସା ବଗିଚାରେ, ପଥର ତଳେ, ହୁଙ୍କା ଭିତରେ କିମ୍ବା ଆପଣଙ୍କ ରୋଷେଇ ଘର ଚଟାଣରେ ଥାଇପାରେ । ହେଲେ, ସମସ୍ତ ପିମ୍ପୁଡ଼ି ସେମାନଙ୍କ ସମୁଦାୟକୁ ଖାଇବାକୁ ଦିଅନ୍ତି, ଆଶ୍ରୟ ଯୋଗାଇ ଦିଅନ୍ତି ଏବଂ ନିରାପଦ ରଖନ୍ତି ।



ପିମ୍ପୁଡ଼ି ବସା ଛନ୍ଦାଛନ୍ଦି ହୋଇଥିବା ସୁଡ଼ଙ୍ଗ ଏବଂ କୋଠରୀରେ ଭର୍ତ୍ତି ହୋଇଥାଏ; ଏପରିକି ସେହି ବସାରେ ମୃତ ପିମ୍ପୁଡ଼ିମାନଙ୍କ ପାଇଁ ସମାଧି କକ୍ଷ ମଧ୍ୟ ଥାଏ!





ବସାରେ ଥିବା ପିମ୍ପୁଡ଼ିମାନେ ରାଣୀର ଯତ୍ନ ନିଅନ୍ତି, ଯାହା ଦ୍ୱାରା ସେ ଅଣ୍ଡା ଦେବା ଉପରେ ଧ୍ୟାନ ଦେଇ ପାରିବ - ହାରାହାରି, ତା' ଜୀବନର ପ୍ରତି ଦଶ ମିନିଟରେ ସେ ଗୋଟିଏ ଅଣ୍ଡା ଦେଇଥାଏ!



ରାଣୀ ଅଣ୍ଡା ଦେଉଥିବାରୁ ଶ୍ରମିକ ପିମ୍ପୁଡ଼ିମାନେ ସେଗୁଡ଼ିକୁ ଅଣ୍ଡା କୋଠରୀକୁ ଆଣିଥା'ନ୍ତି। ସେଠାରେ ନର୍ସମେଡ୍ ବା ଧାଈ ପିମ୍ପୁଡ଼ିମାନେ ଦାୟିତ୍ୱ ସମ୍ଭାଳନ୍ତି ।

ଧାଈ ପିମ୍ପୁଡିମାନେ ଅଣ୍ଡାଗୁଡ଼ିକୁ ସେଗୁଡ଼ିକର ଆକାର ଅନୁଯାୟୀ ସଜାଇ ରଖନ୍ତି ଏବଂ ସେଗୁଡ଼ିକ ଲାର୍ଭାରେ ପରିଣତ ହେବା ପରେ ଅନ୍ୟ କୋଠରୀକୁ ସ୍ଥାନାନ୍ତର କରନ୍ତି । ଏହାଦ୍ୱାରା ସେଗୁଡ଼ିକ ସର୍ବଦା ଆବଶ୍ୟକତା ଅନୁଯାୟୀ ସଠିକ୍ ତାପମାତ୍ରା ଥିବା ପରିବେଶରେ ରହିଥା'ନ୍ତି ।





## ପିମ୍ପୁଡ଼ି ବିଷୟରେ ତଥ୍ୟ

- ବସାରେ ଥିବା ସମସ୍ତ ପିମ୍ପୁଡ଼ି ରାଣୀ ପିମ୍ପୁଡ଼ିର ସନ୍ତାନ ।
- ସୈନ୍ୟ ପିମ୍ପୁଡ଼ି ରାଣୀ ଏବଂ ଘରର ସୁରକ୍ଷା କରନ୍ତି ।
- କିଛି ପିମ୍ପୁଡ଼ି ପେଶାଗତ ଧାଇ ହୋଇଥା'ନ୍ତି ।
- ନିର୍ମାଣ ଶ୍ରମିକ ଭାବରେ କାର୍ଯ୍ୟ କରୁଥିବା ପିମ୍ପୁଡ଼ିମାନେ ବସାର ମରାମତି କରନ୍ତି ଏବଂ ତାହା ସଂପ୍ରସାରିତ କରିବାରେ ସାହାଯ୍ୟ କରନ୍ତି ।
- ଖାଦ୍ୟ ସଂଗ୍ରହକାରୀ ପିମ୍ପୁଡ଼ିମାନେ ସେମାନଙ୍କ ରାଣୀ ଏବଂ ଅନ୍ୟ ଶ୍ରମିକମାନଙ୍କ ପାଇଁ ଚିନି, ମହୁ ଏବଂ ଅନ୍ୟ ଖାଦ୍ୟ ପଦାର୍ଥ ସଂଗ୍ରହ କରନ୍ତି ।



ଗୀତା ଧର୍ମରାଜନ୍ ପିଲାମାନଙ୍କ ପାଇଁ କାହାଣୀ ଲେଖିବାକୁ ଭଲ ପାଆନ୍ତି । ସେ ପିଲାମାନଙ୍କ ପାଇଁ ପ୍ରକାଶିତ ଏକ ପତ୍ରିକା 'ଟାର୍ଗେଟ'ର ସଂପାଦକମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ସେ ପେନସିଲଭେନିଆ ବିଶ୍ୱବିଦ୍ୟାଳୟର ପତ୍ରିକା 'ପେନସିଲଭେନିଆ ଗେଜେଟ'ର ସମ୍ପାଦକମଣ୍ଡଳୀର ମଧ ସଦସ୍ୟ ଥିଲେ । ସାହିତ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ତାଙ୍କର ବିଶିଷ୍ଟ ସେବା ପାଇଁ 2012 ରେ ତାଙ୍କୁ ସମ୍ମାନଜନକ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ କରାଯାଇଥିଲା ।

ଶହେରୁ ଅଧିକ ପିଲାଙ୍କ ବହି ପାଇଁ ଚିତ୍ର କରିଥିବା, ଅତନୁ ରାୟ ତାଙ୍କର ସୃଜନଶୀଳ ଦକ୍ଷତାକୁ ଅନେକାଂଶରେ ପିଲାମାନଙ୍କ ସାହିତ୍ୟ କ୍ଷେତ୍ରରେ ଉତ୍ସର୍ଗ କରିଛନ୍ତି । ତେଣୁ ଆଶ୍ଚର୍ଯ୍ୟର କଥା ନୁହେଁ ଯେ, ଏକଦା ଇଣ୍ଡିଆ ଟୁଡେ ପାଇଁ ପଲିଟିକଲ୍ କାର୍ଟୁନିଷ୍ଟ ଭାବରେ କାର୍ଯ୍ୟ କରିଥିବା ରାୟ ପୁସ୍ତକ ଚିତ୍ରନାଟ୍ୟ ପାଇଁ ଚିଲଡ୍ରେନସ୍ ଚଏସ୍ ପୁରସ୍କାର ଏବଂ ଚିତ୍ରନାଟ୍ୟ ପାଇଁ ଆଇବିବିୱାଇ ସାର୍ଟିଫିକେଟ୍ ଅଫ୍ ଅନର୍ ଲାଭ କରିଛନ୍ତି ।

KATHA

କଥା ଏକ ବିଶ୍ୱବ୍ୟାପୀ ସ୍ୱୀକୃତିପ୍ରାପ୍ତ ଅଣ-ଲାଭକାରୀ ସଂସ୍ଥା (www.katha.org) ଯାହା 1988 ମସିହାରୁ ସାକ୍ଷରତାରୁ ସାହିତ୍ୟ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରି ଆସୁଅଛି । ଗରୀବ ପିଲାମାନଙ୍କ ପାଇଁ ପ୍ରକାଶନ ଏବଂ ଶିକ୍ଷା କ୍ଷେତ୍ରରେ ଆମର ପ୍ରାୟ 30 ବର୍ଷର ଅଭିଜ୍ଞତା ଅଛି ।

"ଭାରତର ମୁକୁଟରେ ଶିକ୍ଷାର ଏକ ଉଜ୍ଜ୍ୱଳ ମଣି" — ନାୟୁକି ଶିନୋହାରା, ଉପ ପରିଚାଳନା ନିର୍ଦ୍ଦେଶକ, ଆଇଏମ୍ ଏଫ୍

"ସହରର ସାଧାରଣ ତଥା ଦୈନନ୍ଦିନ ଜୀବନର ଛୋଟ ଛୋଟ ଦୁଃଖ ଓ ଭୟଙ୍କର କଷ୍ଟର ମୁକାବିଲା କରିବା ପାଇଁ ଯେଉଁ ସବୁ ସୃଜନଶୀଳ ପ୍ରଚେଷ୍ଟା ଚାଲିଅଛି ସେମାନଙ୍କ ମଧ୍ୟରେ "କଥା" ର ଏକ ସ୍ୱତନ୍ତ୍ର ପରିଚୟ ଅଛି ।" — ଚାର୍ଲ୍ସ ଲ୍ୟାଣ୍ଡ୍ରି, ଦ ଆର୍ଟ ଅଫ୍ ସିଟି ମେକିଙ୍ଗ୍

"କଥା"ର ପିଲାମାନଙ୍କ ପାଇଁ ବିଶେଷ ଅନୁରାଗ ରହିଛି ତେଣୁ... ଏହା ପିଲାମାନଙ୍କ ପାଇଁ ଏପରି ସୁନ୍ଦର ସୁନ୍ଦର ଚିତ୍ର ସମ୍ବଳିତ ପୁସ୍ତକ ପ୍ରକାଶ କରୁଛି ।" — ଟାଇମ୍ ଆଉଟ୍

"କଥା" ବିଶ୍ୱାସ କରେ ଯେ ପିଲାମାନେ ତାଙ୍କ ଦୁନିଆରେ ବାସ୍ତବ ଏବଂ ଧାରଣାକ୍ଷମ ପରିବର୍ତ୍ତନ ଆଣିପାରିବେ, — ପେପରଟାଇଗର୍ସ

ଏହି ସଂସ୍କରଣ ପ୍ରଥମେ 2021 ପ୍ରକାଶିତ ହୋଇଥିଲା
କପିରାଇଟ୍ ©କଥା, 2021
ଲେଖା କପିରାଇଟ୍ ©ଗୀତାଧର୍ମରାଜନ୍
ଚିତ୍ର କପିରାଇଟ୍ © କଥା
A3, ସର୍ଭୋଦୟ ଏନକ୍ଲେଭ, ଶ୍ରୀ ଅରୋବିନ୍ଦ ମାର୍ଗ, ନୂଆଦିଲ୍ଲୀ 110 017
ଫୋନ୍ : 91-11 4141 6600 . 4141 6610
ଇମେଲ୍: editors@katha.org, Website: www.katha.org
ISBN 978-93-82454-65-6

**ଆମର ଲକ୍ଷ**: ପ୍ରତ୍ୟେକ ପିଲା ଖୁସି ମନରେ ଓ ଭଲଭାବରେ ପଢ଼ିପାରନ୍ତୁ! "କଥା" ହେଉଛି ଏକ ପଞ୍ଜୀକୃତ ଅଣ-ଲାଭକାରୀ ସଂସ୍ଥା ଯାହା 1988 ରେ ସ୍ଥାପିତ ହୋଇଥିଲା । ଆମେ ସାହିତ୍ୟର ସାକ୍ଷରତା କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରୁ । ପିଲା ଏବଂ ବୟସ୍କମାନଙ୍କ ଭିତରେ ପଢ଼ିବାରେ ଇଚ୍ଛା ସୃଷ୍ଟି କରିବା ପାଇଁ ଏହା ସମର୍ପିତ ଭାବରେ ଚେଷ୍ଟା କରିଆସୁଛି, ଭଲ ମାନର ପୁସ୍ତକ ଓ ଅନ୍ୟାନ୍ୟ ପ୍ରଚେଷ୍ଟା ମାଧ୍ୟମରେ ଏହା ଭଲ ମାନର ପୁସ୍ତକ ପ୍ରକାଶ କରୁଛି 1,00,000 ରୁ ଅଧିକ ଗରୀବ ପିଲାଙ୍କ ସହିତ କାମ କରୁଛି ଏବଂ ସେମାନଙ୍କର ପଢ଼ିବାର ଶକ୍ତି ବଢ଼ାଉଛି ।

ସର୍ବ ସତ୍ତ୍ୱ ସୁରକ୍ଷିତ । ଏହି ପୁସ୍ତକର କୌଣସି ଭାଗ ପ୍ରକାଶକଙ୍କ ପୂର୍ବ ଲିଖିତ ଅନୁମତି ବିନା ପୁନଃ ପ୍ରକାଶିତ କିମ୍ବା ବ୍ୟବହୃତ ହୋଇପାରିବ ନାହିଁ ।

ଏହି ବହିଗୁଡ଼ିକର ବିକ୍ରୟରୁ ମୋଟ୍ ଆୟର 10ପ୍ରତିଶତ ବଞ୍ଚିତ ପିଲାମାନଙ୍କର ପଢ଼ିବା ଏବଂ ଜୀବନବ୍ୟାପୀ ଶିକ୍ଷା ପାଇଁ ଖର୍ଚ୍ଚ କରାଯିବ ।




ଆଇ ଲଭ୍ ରିଡିଙ୍ଗ୍ ଲାଇବ୍ରେରୀ ହେଉଛି ପୁସ୍ତକଗୁଡ଼ିକର ଏକ ଅନନ୍ୟ ସିରିଜ୍ ଯାହା ନୂଆକରି ପଢ଼ିବାକୁ ଶିଖୁଥିବା ଓ ନିଜର ଉପରେ କମ ବିଶ୍ୱାସ ଥିବା ପାଠକମାନଙ୍କୁ ଅନାୟସରେ ଆଗ୍ରହରେ ପଢ଼ିବାର ସାମର୍ଥ୍ୟ ଦେବାକୁ ଉଦ୍ୟମ କରିଆସୁଛି । ପଢ଼ିବାର ସାମର୍ଥ୍ୟ ଦୃଷ୍ଟିରୁ ଭିନ୍ନ ଭିନ୍ନ ସ୍ତରରେ ଥିବା ପିଲାମାନଙ୍କୁ ଆବଶ୍ୟକତାକୁ ଆଖିରେ ରଖି ଉଚ୍ଚକୋଟୀର ବିଷୟବସ୍ତୁ ଏବଂ ଆକର୍ଷଣୀୟ ଚିତ୍ର ସହିତ, ଏହା ଭାରତ ଏବଂ ବିଶ୍ୱର ସର୍ବୋତ୍ତମ ସାହିତ୍ୟିକ ସୃଷ୍ଟି ଏବଂ ଚିତ୍ରକଳାକୁ ଏକତ୍ର କରି ପରିବେଷଣ କରିଥାଏ । ଆମର ପ୍ରକାଶିତ ପୁସ୍ତକ ଗୀତା ଧର୍ମରାଜନଙ୍କ ଷ୍ଟୋରୀ ପେଡାଗୋଜୀTM - ଏକ ଅନନ୍ୟ ଶୈକ୍ଷଣିକ ନମୂନା ଯୋଗାଇଥାଏ, ଯାହା ପ୍ରଥମ ପିଢ଼ିର ପାଠକମାନଙ୍କୁ ବିଶେଷ ଭାବରେ ପଢ଼ିବାର ଆନନ୍ଦ ଦେଇଥାଏ, ଏବଂ ପିଲାକୁ ବିଗ୍ ଆଇଡିଆ (Big Idea) ଏବଂ ଟା-ଡା (Ta-Daa) ର ଆକର୍ଷଣୀୟ ଦୁନିଆକୁ ନେଇଯାଏ ! (ଚିନ୍ତାକର, ପ୍ରଶ୍ନ ପଚାର, ଆଲୋଚନା କର, ଅଭିନୟ କରି ଦେଖାଅ ଏବଂ ସଫଳତା ହାସଲ କର)

ସାମଗ୍ରୀକ ଦୃଷ୍ଟିକୋଣରୁ ପ୍ରାଥମିକ ଶିକ୍ଷାର ପ୍ରୟୋଗଶାଳା (Katha's Holistic Early Learning) ଏହା ସରକାରୀ, ଅଣ-ଲାଭକାରୀ ଏବଂ ବେସରକାରୀ ବିଦ୍ୟାଳୟର ଶିକ୍ଷକମାନଙ୍କୁ କର୍ମଶାଳା ଆୟୋଜିତ କରିଥାଏ । ଏଗୁଡ଼ିକ ହେଉଛି ଶିକ୍ଷକ, ବିଦ୍ୟାଳୟ ପ୍ରଶାସକ ଏବଂ ସ୍ୱେଚ୍ଛାସେବୀମାନେ କର୍ମଶାଳାର ପ୍ରତ୍ୟେକ୍ଷ ସମ୍ପର୍କ ଅନଲାଇନ୍ ସେସନ୍ ଯୋଗଦେଇ ଫଠନ ଶିକ୍ଷକ ସାର୍ଟିଫିକେଟ୍ ପାଆନ୍ତି । ଅଧିକ ଜାଣିବାକୁ, ଆମସହ 300m@katha.org ଯୋଗାଯୋଗ କରନ୍ତୁ

ଏହି ସମସ୍ତ ଆଇଏଲଆର୍ ବହିଗୁଡ଼ିକ

ଆମର ପାଠକ ପାଇଁ ଏବଂ ନୂଆ ନୂଆ କଥା ଆବିଷ୍କାର କରିବା ପାଇଁ ଉପଲବ୍ଧ








































FOR OUR BOOKS

www.books.katha.org

"କାହାଣୀ ମାଧ୍ୟମରେ ଭାରତର ବିବିଧ ସଂସ୍କୃତି ପରିଚୟ। "

- ଦ ପାୟୋନିର୍

ପିଲାମାନଙ୍କ ପାଇଁ

ISBN 978-93-88284-81-3

9 789388 284813

www.katha.org

XXX

ଉପଲବ୍ଧ । ଉପଲବ୍ଧ